# Joint Press Release of the 9th Round of India-China Military Commander-Level Meeting

January 25, 2021

## ଭାରତ-ଚୀନ ସେନା କମାଣ୍ଡର ସ୍ତରୀୟ ନବମ ପର୍ଯ୍ୟାୟ ବୈଠକର ମିଳିତ ପ୍ରେସ ବିଜ୍ଞପ୍ତି

**ଜାନୁଆରୀ 25, 2021**

24 ଜାନୁଆରୀରେ ଚୀନ-ଭାରତ ସେନା କମାଣ୍ଡର ସ୍ତରୀୟ ବୈଠକର ନବମ ପର୍ଯ୍ୟାୟ ଚୀନ ପାର୍ଶ୍ୱରେ ମୋଲଡୋ-ଚୁସୁଲ ସୀମା ନିକଟରେ ଅନୁଷ୍ଠିତ ହୋଇଥିଲା। ଚୀନ-ଭାରତ ସୀମାନ୍ତ ଅଞ୍ଚଳର ପଶ୍ଚିମ କ୍ଷେତ୍ରରେ ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରୁ ସୈନ୍ୟ ପ୍ରତ୍ୟାହାରକୁ ନେଇ ଉଭୟ ପକ୍ଷ ମଧ୍ୟରେ ଖୋଲା ମନରେ ଗଭୀର ମତ ବିନିମୟ ହୋଇଥିଲା।

ଦୁଇ ପକ୍ଷ ସହମତ ହୋଇଥିଲେଯେ ଏହି ପର୍ଯ୍ୟାୟ ବୈଠକ ସକରାତ୍ମକ, ବ୍ୟବହାରିକ ଏବଂ ଗଠନମୂଳକ ଥିଲା ଯାହା ପାରସ୍ପରିକ ବିଶ୍ୱାସ ଏବଂ ବୁଝାମଣାକୁ ବୃଦ୍ଧି କରିଛି। ସୀମାବର୍ତୀ ଅଞ୍ଚଳରୁ ସୈନ୍ୟମାନଙ୍କର ଶୀଘ୍ର ପ୍ରତ୍ୟାହାର ପାଇଁ ଦୁଇ ପକ୍ଷ ରାଜି ହୋଇଥିଲେ। ସେମାନେ ମଧ୍ୟ ନିଜ ରାଷ୍ଟ୍ର ନେତାଙ୍କ ଗୁରୁତ୍ୱପୂର୍ଣ୍ଣ ସହମତି ଅନୁସରଣ କରିବାକୁ, ଆଲୋଚନା ଏବଂ ବୁଝାମଣାର ଗତି ଜାରି ରଖିବାକୁ ଏବଂ ମିଳିତ ଭାବରେ ପରିସ୍ଥିତି ସୁଧାରିବା ପାଇଁ ସେନା କମାଣ୍ଡର ସ୍ତରୀୟ ବୈଠକର ଦଶମ ପର୍ଯ୍ୟାୟ ଆୟୋଜନ କରିବାକୁ ସହମତ ହୋଇଥିଲେ।

ସୀମାବର୍ତୀ ଅଞ୍ଚଳରେ ସୈନ୍ୟମାନଙ୍କର ସଂଯମକୁ ସୁନିଶ୍ଚିତ କରିବା, ଚୀନ-ଭାରତ ସୀମାର ପଶ୍ଚିମ କ୍ଷେତ୍ରରେ ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ସ୍ଥିତିକୁ ସ୍ଥିର ଏବଂ ନିୟନ୍ତ୍ରଣ କରିବା ଏବଂ ଶାନ୍ତିରକ୍ଷା ପାଇଁ ଉଭୟ ପକ୍ଷ ମିଳିତ ଉଦ୍ୟମ ଜାରି ରଖିବାକୁ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

**ଜାନୁଆରୀ 25, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.